**ତହସିଲଦାର ସିନପାଲିଙ୍କ କାର୍ଯ୍ୟାଳୟ ଜିଲ୍ଲା, ନୂଆପଡା**

ଲଘୁ ଖଣିଜ ଉତ୍ସ (ପଥର ଖାଦାନ/ ବାଲି ଘାଟ) ପାଞ୍ଚ ବର୍ଷିଆ ଲିଜ ନିମନ୍ତେ

**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

ସଂଖ୍ୟା. ୪୫୭ / ତାରିଖ ୨/୩/୨୧

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସିନାପାଲି ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ପଥର ଖାଦାନ/ ବାଲି ଘାଟ) ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦି ସୂତ୍ରରେ ପାଞ୍ଚ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫାରମରେ ଆବେଦନ କରିବେ । ଟେଣ୍ଡର ଫାରମର (ସମସ୍ତ ବିବରଣୀ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, 2016 [OMMC Rules, 2016] ଅନୁଯାୟୀ ନିର୍ଦ୍ଦିଷ୍ଟ ଫାରମ-M, ଟ.1000/- (ଏକ ହଜାର ଟଙ୍କା) ଏବଂ ଅତିରିକ୍ତ 18 ପ୍ରତିଶତ GST ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା 04.03.2021 ରିଖ ଠାରୁ ତା 22.03.2021 ରିଖ 5.30 ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟ ଦିବସ ଓ ସମୟରେ ଉପଲବ୍ଧ ହେବ । ଉକ୍ତ ରାଶି ଫେରସ୍ତ ହେବ ନାହିଁ । ପ୍ରତ୍ୟେକ ଉତ୍ସ ନିମନ୍ତେ ତିନି କିତା ଲେଖାଏଁ ଫାରମ-M ସମ୍ପୂର୍ଣ୍ଣ ରୂପେ ଭର୍ତ୍ତି କରି ଆବଶ୍ୟକୀୟ କାଗଜାତ ସହ, ଜଉମୁଦ ଲଫାପା (closed cover) କରି ତହସିଲଦାର, ସିନାପାଲିଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି ପୋଷ୍ଟ କିମ୍ବା ସ୍ପୀଡ ପୋଷ୍ଟ ମାଧ୍ୟମରେ ତହସିଲ ଅଫିସରେ ଦାଖଲ କରିବେ । ସମସ୍ତ ଆବଶ୍ୟକ କାଗଜାତ ସଂଲଗ୍ନ କରି ତା 23.03.2021 ରିଖ ଅପରାହ୍ନ 5.30 ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ । **ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଏକାନ୍ତ ଆବଶ୍ୟକ** । ପୃଥକ ସୈରାତ ଉତ୍ସ ପାଇଁ ପୃଥକ ପୃଥକ ଫାରମରେ ଆବେଦନ କରିବାକୁ ପଡିବ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ ଦିନ ଅର୍ଥାତ ତା 23.03.2021 ରିଖ ଅପରାହ୍ନ 5.30 ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ ତଥା ଉକ୍ତ ଦରଖାସ୍ତ ଗୁଡିକ ଖାରଜ କରାଯିବ ।

ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପା ଗୁଡିକ ତା.24.03.2021 ପୂର୍ବାହ୍ନ 11 ଘଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । କୌଣସି ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଅନୁପସ୍ଥିତି ଯୋଗୁଁ ଉକ୍ତ ପ୍ରକ୍ରିୟା ବନ୍ଦ ହେବ ନାହିଁ । ଅସମ୍ପୂର୍ଣ୍ଣ ଅଥବା ସଂଲଗ୍ନ ବିହୀନ ଦରଖାସ୍ତ ଗୁଡିକୁ ନାକଚ କରିଦିଆଯିବ ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, ସିନାପାଲି ଏବଂ ସିନାପାଲି ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟ ଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ୱେବସାଇଟରେ (**www.nuapada.nic.in**) ମଧ୍ୟ ଉପଲବ୍ଧ ଅଟେ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/ ଦସ୍ତାବିଜ : (ତିନି କିତା)**

1. ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, 2016 [OMMC Rule, 2016] ଅନୁଯାୟୀ ନିର୍ଦ୍ଦିଷ୍ଟ ଫାରମ-M: ୩ (ତିନି କିତା)
2. ଦରଖାସ୍ତ ଫି ସକାଶେ ଟ. ୧୦୦୦/- (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ଫେରସ୍ତ ଦିଆଯିବ ନାହିଁ ।
   (Head of Account: 0853-Non-ferrous-Mining and Metallurgical Industries-102-Minerals Concession Fee, Rents and Royalties)
3. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହିତ ଚୌହଦିର ସମ୍ପୂର୍ଣ୍ଣ ବିବରଣୀ ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତି ନକ୍ସା ମେଳ କରି ସଂଲଗ୍ନ କରିବେ ।

ତହସିଲଦାର, ସିନାପାଲି

4. ଦରଖାସ୍ତ ଆବେଦନକାରୀ ସମ୍ପୃକ୍ତ ଲଘୁ ଖଣିଜ ଉତ୍ସର ବ୍ୟାଙ୍କ ଗ୍ୟାରେଣ୍ଟି (Bank Guarantee) ଅଥବା ପରିଶୋଧ କ୍ଷମତା ପ୍ରମାଣ ପତ୍ର (Solvency Certificate) ଏକ ବର୍ଷ ପାଇଁ ଯାହାର ଅବଧି ପରବର୍ତୀ 18 (ଅଠର) ମାସ ପର୍ଯ୍ୟନ୍ତ ଥିବ ଅଥବା ଆର୍ଥିକ ବର୍ଷ 2019-20ର IT Return ଦାଖଲ କରିବେ [ସୈରାତ ଉତ୍ସ ତାଲିକାରେ ପ୍ରତ୍ୟେକ ଉତ୍ସର ମୂଲ୍ୟ ଦକ୍ଷିଣ ପାର୍ଶ୍ୱର 14 ନମ୍ବର ସ୍ତମ୍ଭରେ ଦର୍ଶା ଯାଇଅଛି]

5. ସୈରାତ ଉତ୍ସ (Mining Dues) ବାବଦରେ ସରକାରୀ ଦେୟ ବକେୟା ନଥିବାର ସତ୍ୟପାଠ (Affidavit) ।

6. ଆୟକର କ୍ଲିଅରାନ୍ସ (Income Tax Clearance) କିମ୍ବା 2019-20 ଆର୍ଥିକ ବର୍ଷର ଆୟକର ରିଟର୍ଣ୍ଣ (Income Tax Return) ଦାଖଲ ର ନକଲ ।

7. ଅନ୍ୟାନ୍ୟ ବିବରଣୀ ଯଥା: ବୈଷୟିକ ଜ୍ଞାନ, ଦକ୍ଷତା ତଥା ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଇତ୍ୟାଦି ସମ୍ପର୍କିତ ତଥ୍ୟ ।

8. ସମ୍ପୃକ୍ତ ଉତ୍ସର ଅମାନତ ରାଶି [ସୈରାତ ଉତ୍ସ ତାଲିକାରେ ପ୍ରତ୍ୟେକ ଉତ୍ସର ଦକ୍ଷିଣ ପାର୍ଶ୍ୱର 13 ନମ୍ବର ସ୍ତମ୍ଭରେ ଦର୍ଶା ଯାଇଅଛି] ଅମାନତ ରାଶି Bank Draft ମାଧ୍ୟମରେ ତହସିଲଦାର ସିନାପାଲିଙ୍କ ନାମରେ (Payable at SBI, Sinapali) ପ୍ରସ୍ତୁତ କରି ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରି ନ ଥିବା ନିଲାମଧାରୀଙ୍କ ଅମାନତ ରାଶି ଉକ୍ତ ଉତ୍ସର ବନ୍ଦୋବସ୍ତ ଚୂଡାନ୍ତ ହେଲା ପରେ ଓ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

ତହସିଲଦାର, ସିନାପାଲି

ସ୍ମାରକ ସଂଖ୍ୟା ୪୫୬ ତାରିଖ ୨/୯/୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ନୂଆପଡା ଓ ଉପ ଜିଲ୍ଲାପାଳ, ନୂଆପଡା /ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଞ୍ଚାୟତ ସମିତି, ସିନାପାଲି ନିକଟକୁ ଅବଗତି ତଥା ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ସିନାପାଲି

ସ୍ମାରକ ସଂଖ୍ୟା ୪୫୭ ତାରିଖ ୨/୯/୨୧

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରୀକ୍ଷକ ତହସିଲ କାର୍ଯ୍ୟାଳୟ ସିନାପାଲିଙ୍କ ଅବଗତି ତଥା ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉକ୍ତ କାର୍ଯ୍ୟାଳୟ ସୂଚନା ଫଳକରେ ଛପା ଗଲା ।

ତହସିଲଦାର ସିନାପାଲି

ସ୍ମାରକ ସଂଖ୍ୟା ୪୫୮ ତାରିଖ ୨/୯/୨୧

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ନୂଆପଡାଙ୍କ ନିକଟକୁ ଜିଲ୍ଲା ୱେବସାଇଡରେ ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର ସିନାପାଲି

ସ୍ମାରକ ସଂଖ୍ୟା ୪୫୯ ତାରିଖ ୨/୯/୨୧

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ପ୍ରୋସେସ ସର୍ଭର ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଛାପିବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର ସିନାପାଲି

## ଚୟନ ପ୍ରଣାଳୀ

1. ପଥର କିମ୍ବା ବାଲି ଘନ ମିଟର ପିଛା ସର୍ବାଧିକ ରୟାଲଟି ମୂଲ୍ୟାଙ୍କ ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।
2. ଲଘୁ ଖଣିଜର ସର୍ବ ନିମ୍ନ ରୟାଲଟି ମୂଲ୍ୟାଙ୍କ ଠାରୁ କମ୍ ମୂଲ୍ୟାଙ୍କ କରିଥିବା ଦରଖାସ୍ତ ଗୁଡିକୁ ନାକଚ କରାଯିବ ।
3. ଯଦି ଏକାଧିକ ଆବେଦନକାରୀଙ୍କ ରୟାଲଟି ମୂଲ୍ୟାଙ୍କ ସମାନ ହୁଏ, ତେବେ ଭାଗ୍ୟ ଗୁଳା ମାଧ୍ୟମରେ ଲିଜଧାରୀ (Lessee) ଚୟନ କରାଯିବ ।
4. କ୍ଷମତାପ୍ରାପ୍ତ ଅଧିକାରୀଙ୍କ (Leasor) ନିଷ୍ପତି ଚୁଡାନ୍ତ ଏବଂ ଗ୍ରହଣୀୟ ।

## ସର୍ତ୍ତାବଳୀ

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, 2016 ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ ।
2. ଲିଜ୍ ଧାରୀ Mines Act 1952 ଓ Explosive Act 1984 ର ସମସ୍ତ ନିୟମ ଓ ନୀୟମାବଳୀର ଅନ୍ତର୍ଭୁକ୍ତ ହେବେ ।
3. ପ୍ରଚଳିତ ନିୟମ ଅନୁଯାୟୀ ଲିଜ୍ ଧାରୀ ସରକାରଙ୍କ ଦ୍ଵାରା ଧାର୍ଯ୍ୟ ଦେୟ ପଇଠ କରିବାପାଇଁ ବାଧ୍ୟ ହେବ ।
4. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ୍ ଗ୍ରହଣ ନକଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ ।
5. ଲିଜ୍ ଅବଧି ମଧ୍ୟରେ ଲିଜ୍ ଧାରୀ ଲିଜ୍ ସମ୍ପର୍କୀୟ ସର୍ତ୍ତାବଳୀର ଉଲଂଘ୍ନ କଲେ ତାଙ୍କର ଲିଜ୍ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ ।
6. ଲିଜ୍ ଧାରୀ ଲିଜ୍ ରାଶି ଓ ଅମାନତ ଟଙ୍କା ବ୍ୟତିତ ୧୦% ଲିଜ୍ ରାଶିର (DMF) ଆକାରରେ ଜମା କରିବେ ।
7. ଲିଜ୍ ଧାରୀ ଲିଜ୍ ରାଶିର ୫ % (Environmental Management Fund ) ଆକାରରେ ଦାଖଲ କରିବା ପାଇଁ ବାଧ୍ୟ ହେବେ ।
8. ଜିଲ୍ଲାପାଳ ତଥା Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜ୍ କୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ।
9. ସର୍ବୋଚ୍ଚ ନୀଲାମଧାରୀଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ ନଂ. F ରେ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବା
10. ଲିଜ୍ ଲାଗି ଆବେଦନ କରିବା ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡିକ ପୂର୍ବରୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍ ରେ ଅଂଶ ଗ୍ରହଣ କରିବେ ।
11. ଲିଜ୍ ଗ୍ରହଣ କରିସାରିଲା ପରେ ଲିଜ୍ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା ଏଥି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
12. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ।
13. ପୁନଶ୍ଚ ନୀୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

ତହସିଲଦାର, ସିନାପାଲି

14. ଯୋଗ୍ୟ ବିବେଚିତ ଲିଜଧାରୀ ନିଲାମ ଚୂଡାନ୍ତ ହେବା ଦିନ ଠାରୁ ୭ (ସାତ) ଦିନ ମଧ୍ୟରେ ସହ ସମ୍ମତି ପ୍ରଦାନ ନ କରନ୍ତି ତାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

15. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ Mining Plan ଓ Environment Clearance ତିଆରି କରି ଦାଖଲ କରିବେ ନଚେତ ବାତିଲ କରାଯିବ । ଯଦି ଉକ୍ତ ସୈରାତ ଉପ୍ସର Mining Plan ପୂର୍ବରୁ କାର୍ଯ୍ୟାଳୟ ତରଫରୁ ପ୍ରସ୍ତୁତ ହୋଇଥାଏ, ତାହାହେଲେ ସମ୍ପୃକ୍ତ ସର୍ବୋଚ୍ଚ ଲିଜଧାରୀ ଏହି ବାବଦରେ ସମସ୍ତ ଖର୍ଚ୍ଚ ବହନ କରିବେ ।

16. ଯୋଗ୍ୟ ବିବେଚିତ ଲିଜଧାରୀ କିମ୍ବା ଗୋଟିଏ କ୍ଲଷ୍ଟର ମଧ୍ୟରେ ଥିବା ଉତ୍ସମାନଙ୍କର ଲିଜଧାରୀ ମାନେ ମିଳିତ ଭାବରେ ମାଇନିଙ୍ଗ୍ ପ୍ଲାନ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚରେ କ୍ଷମତା ପ୍ରାପ୍ତ RQP ଙ୍କ ଠାରେ Mining Plan ଏବଂ Pre-feasibility Report ତିଆରି କରି କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ Approve କରାଇ ତହସିଲଦାରଙ୍କ କାର୍ଯ୍ୟାଳୟରେ ଫାରମ-୧ଏବଂ Annexure-1 (Check List) ସମ୍ପୂର୍ଣ୍ଣ ରୂପେ କରିବା ସହିତ ଅଧକ୍ଷ, ରାଜ୍ୟ ପରିବେଶ ପ୍ରଭାବ ନିୟନ୍ତ୍ରଣ ସଂସ୍ଥା (Chairman, SEIAA, Odisha, Bhubaneswar), ଓଡିଶା, ଭୁବନେଶ୍ୱରଙ୍କ ସପକ୍ଷରେ ଆବଶ୍ୟକ ଅର୍ଥ ଲିଜ୍ ଧାରୀ ଅନ୍ ଲାଇନ୍ ମାଧ୍ୟମରେ ଦାଖଲ କରିବେ ଓ ତାହାକୁ Chairman, SEIAA, ଓଡିଶାଙ୍କୁ ପରିବେଶ ନିକାଶ ନିମନ୍ତେ ପ୍ରେରଣ କରାଯିବ । ନଚେତ ଲିଜ ବାତିଲ କରାଯିବ ।

17. ସମସ୍ତ ରୟାଲଟି ପଇଠ କରିସାରିଲା ପରେ ଓଡିଶା ରେଜିଷ୍ଟ୍ରେସନ ଆକ୍ଟ-1908 ଓ ଷ୍ଟାମ୍ପ ଆକ୍ଟ-1899 ଅନୁଯାୟୀ ଆବଶ୍ୟକୀୟ ଚୁକ୍ତିପତ୍ର (Lease Deed) ନିକଟସ୍ଥ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ନିଜ ଖର୍ଚ୍ଚରେ ରେଜିଷ୍ଟ୍ରେସନ କରି ସାତ ଦିନ ମଧ୍ୟରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।

18. ଖଣି ପରିଚାଳନା ପାଇଁ Regional Officer, State Pollution Control Board, Sambalpur) ଙ୍କ ଠାରୁ CTO ଆଣିବା ପାଇଁ ବାଧ ହେବେ ।

19. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସୀମାକୁ Concrete Pillar ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଲିଜର ସମସ୍ତ ତଥ୍ୟ, ନକ୍ସା ଥାଇ ପ୍ରଦର୍ଶନ ଫଳକ (Display Board) ଲଗାଇବେ ।

20. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ତହସିଲଦାର, ଧର୍ମଶାଳି

# ସୂଚନା

1. ସୈରାତ ଉତ୍ସ ସମ୍ବନ୍ଧୀୟ ସବିଶେଷ ବେବରଣୀ ଏହି କାର୍ଯ୍ୟାଳୟରୁ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଏବଂ ଉକ୍ତ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତଥା ନୂଆପଡା ଜିଲ୍ଲା ୱେବସାଇଟ **(www.nuapada.nic.in)** ରୁ ମଧ୍ୟ ମିଳିପାରିବ ।
2. ଟେଣ୍ଡର ପେପର ଦାଖଲ ପୂର୍ବରୁ ସମ୍ପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ସୈରାତ ପରିଚାଳନା ନିମନ୍ତେ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବେ । ପରବର୍ତ୍ତୀ ସମୟରେ କୌଣସି ଆପତ୍ତି / ଅଭିଯୋଗ ଗ୍ରହଣ କରାଯିବ ନାହିଁ ।
3. ଦୈନିକ ଖବର କାଗଜ (ସକାଳ/ ସମାଜ) ର ପ୍ରକାଶିତ ବିଜ୍ଞାପନ ବାବଦକୁ ଖର୍ଚ୍ଚ ଆନୁପାତିକ ହାରରେ କୃତକାର୍ଯ୍ୟ ହୋଇଥିବା ଲିଜଧାରୀ ମାନଙ୍କଠାରୁ ଆଦାୟ କରାଯିବ ।
4. ଉକ୍ତ ଲିଜ ପ୍ରକ୍ରିୟାରେ ତହସିଲଦାର/ ଉପ-ଜିଲ୍ଲାପାଳ, ନୂଆପଡା/ ଜିଲ୍ଲାପାଳ, ନୂଆପଡାଙ୍କ ନିଷ୍ପତ୍ତି ଚୂଡାନ୍ତ ଏବଂ କେତେକ କିମ୍ବା ସମସ୍ତ ସୈରାତ ଲିଜ ଗ୍ରହଣ/ ରଦ୍ଦ/ ସ୍ଥଗିତ କରିବା ତାଙ୍କର ଅଧିକାର ଅଟେ ।
5. ଲିଜ ପ୍ରକ୍ରିୟା ଶେଷ ହେବା ପରେ କୌଣସି ଆପତ୍ତି/ ଅଭିଯୋଗ ଗ୍ରହଣୀୟ ନୁହେଁ ।
6. ପୂର୍ବ ବର୍ଷମାନଙ୍କର ଖିଲାପକାରୀ ଏବଂ କଳା ତାଲିକାଭୁକ୍ତ ବ୍ୟକ୍ତିମାନେ ଆବେଦନ କରିପାରିବେ ନାହିଁ । ଯଦ୍ୟପି କରନ୍ତି, ତାହା ବିଚାର ଯୋଗ୍ୟ ହେବ ନାହିଁ ଏବଂ ତାହା ନାକଚ କରି ଦିଆଯିବ ।
7. ମାଇନିଂ ପ୍ଲାନରେ ଉଲ୍ଲିଖିତ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ପରିବହନ ନିମିତ୍ତ ସଂଚାର ଅନୁଜ୍ଞା ପତ୍ର (Transit Pass-Form-Y) ଏହି କାର୍ଯ୍ୟାଳୟରୁ ଯୋଗାଇ ଦିଆଯିବ ।
8. ନିର୍ଦ୍ଧାରିତ ପରିମାଣ ଠାରୁ ଅଧିକ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ପରିବହନ ନିମନ୍ତେ କ୍ଷମତା ସମ୍ପର୍ଣ୍ଣ ପ୍ରାଧିକାରୀଙ୍କ ଠାରୁ ଅନୁମତି ପ୍ରାପ୍ତ କରିବାକୁ ପଡିବ । ଏହି ସଞ୍ଚାର ଅନୁଜ୍ଞା ପତ୍ର (Transit Pass) କେବଳ ଉଦ୍ଦିଷ୍ଟ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ପରବହନ ବେଳେ ହିଁ ବ୍ୟବହାର କରାଯିବ । ବୈଧ ସଞ୍ଚାର ଅନୁଜ୍ଞା ପତ୍ର (Transit Pass) ବିନା କୌଣସି ଲଘୁ ଖଣିଜ ଦ୍ରବ୍ୟ ପରିବହନ ଏକ ଧର୍ତ୍ତବ୍ୟ ଅପରାଧ ଓ ଏଥିପାଇଁ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ ।

ତହସିଲଦାର, ସିନାପାଲି

## TERMS & CONDITIONS

1. The Lessee agreement is **NOT** transferable.

2. The minor mineral other than for which auction is confirmed shall not be removed from the leased area.

3. If any major mineral is found during the quarrying operation, the lessee shall report the matter to the competent authority and shall not work or remove the same henceforth.

4. The lessee shall report all accidents to the competent authority and the Collector, Nuapada

5. The lessee shall have NO right over the quarried material and other properties lying in the lease area **AFTER EXPIRY** of the term of lease and shall be deemed to be the properties of Government and may be disposed of by public auction.

6. The lessee shall **NOT** undertake any operation in any forest area without obtaining prior permission from the concerned authority of the Forest Department.

7. The lessee shall pay to the occupier of the surface of the land just and reasonable compensation as may be agreed upon by the lessee and owner of the land.

8. The lessee shall **NOT** carry on quarrying operation within a distance of **50 meters** from any public road, public building, temple, reservoir, dam, burial ground, railway track etc. and non cause any damage to public and private property.

9. The lessee shall, at his own expenses, erect and at all time maintain and keep in good condition boundary marks and pillars necessary to delineate the auction area.

10. The lessee shall abide by the provisions of Miners and Mineral (Development and Regulation) Act, 1957; Mines Act, 1952; Explosive Act, 1884; Explosive Substances Act, 1908 and rules made there under and all other laws for the time being in force relating to the working of quarries and matters affecting the safety, health and conveniences of persons working for quarrying operation and of public.

11. The lessee shall obey all existing rights of way, water and other easements.

12. The lessee shall keep correct monthly account of minor minerals quarried and dispatched and furnish a quarterly return in **Form P** to the competent authority by 15th of succeeding quarter.

13. The lessee shall allow the Director, Controlling Authority and competent authority or any officer authorized by any of them to inspect the quarrying operation and to check the accounts of production and dispatches from the register maintained by him.

14. The lessee shall **NOT** remove any minor mineral from the area without obtaining prior permission from the competent authority or any other officer authorized by him. **NO** minor minerals shall be dispatched from the area **without valid Transit Pass** issued by such officer.

15. In case laterite quarry, the lessee shall NOT be used power cutter or any such machinery from excavation or laterite.

16. The lessee shall take all precautions for protection of environment and control of pollution including reclamation of the quarried out area.

17. If any event the orders of the competent authority is revised, reviewed or cancelled by the concerned controlling authority or the lessee fails to fulfill the terms and conditions of the lease due to force nature or such as act of God, war, insurrections, riot, civil commotion, strike, earth quake, storm, tidal wave, flood, lighting, explosion, fire and any other happening beyond control of lease holder, delay in development of infrastructure, acquiring of land for quarry operation and for use of land for public purpose; the lessee shall NOT claim for any compensation.

18. The lessee shall **NOT** use explosive in any manner without obtaining an explosive license from the appropriate authority.

19. The lessee shall pay a wage not less than the minimum wage prescribed by the State Government from time to time under the Minimum Wages Act, 1948.

20. Competent Authority may impose such further condition as he may think necessary in the interest of mineral development.

21. In case of violation of the term conditions fully or partly, the Security/ EMD amount shall be forfeited and the auction sale shall stand cancelled without assigning any reason thereof and without any compensation.

22. The lessee shall obtain Environmental Clearance from the SEIAA, Odisha or DEIAA within one month from the date of holding lease and furnish before the Tahasildar for issue of confirmation order to extract and remove minor mineral from the sairat source(s) concerned.

23. The Lessee shall submit an undertaking to affect that, he/ she will not engage children between the age group of 6 to 14 years in minor mineral extraction work in accordance to the Child Labour (Prohibition & Regulation) Act, 1986.

Tahasildar, Sinapali

# ନିଲାମ ହେବାକୁ ଥିବା ସୈରାତ ବିବରଣୀ ସିନାପାଲି ତହସିଲ

| କ୍ର. ନଂ. | କେଶ ନଂ. | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (in Ac.) | ସର୍ବ ନିମ୍ନ ମୂଲ୍ୟ (per cum) | ଅତିରିକ୍ତ ମୂଲ୍ୟ Additional Charges (per cum) | ମୋଟ ଧାର୍ଯ୍ୟ ମୂଲ୍ୟ (per cum) | ସର୍ବ ନିମ୍ନ ଗ୍ୟାରେଣ୍ଟେଡ ପରିମାଣ | ଅମାନତ ରାଶି (EMD) | ପରିଶୋଧ କ୍ଷମତା କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି କିମ୍ବା IT Return ଆବଶ୍ୟକକ |
|---|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 |
| 1 | 11//2014 | ସିନାପାଲି ବାଲି ଖାଦାନ | ସିନାପାଲି | 782 (AAA) | 1 | ନଦୀ | 11.50 | 35 | 8 | 43 | 6000 | 12900 | ପରିଶୋଧନ କ୍ଷମତା (Solvency Certificate) କିମ୍ବା (Bank Guarantee) କିମ୍ବା IT Return for 2019-20 F.Y.) in Rs = MGQ x (Additional Charges Offered +Royalty) |
| 2 | 12//2014 | ବରଗାଁ ବାଲି ଖାଦାନ | ବରଗାଁ | 757 (AAA) | 3255 | ନଦୀ | 11.50 | 35 | 8 | 43 | 6000 | 12900 | |
| 3 | 15//2014 | ଗଡ୍ରାମାଳ ବାଲି ଖାଦାନ | ଗଡ୍ରାମାଳ | 239 (AAA) | 720 | ନଦୀ | 8.00 | 35 | 8 | 43 | 4000 | 8600 | |
| | | | ଖଳନା | 240 | 1 | ନଦୀ | 4.00 | | | | | | |
| | | | | | | ମୋଟ | **12.00** | | | | | | |
| 4 | 08//2014 | ପଳସାପଡା ବାଲି ଖାଦାନ | ପଳସାପଡା | 191 (AAA) | 1 | ନଦୀ | 8.50 | 35 | 8 | 43 | 5950 | 12793 | |
| | | | ଚଟିଆଗୁଡା | 474 (AAA) | 2196/2253 | ନଦୀ | 3.30 | | | | | | |
| | | | | | | ମୋଟ | **11.80** | | | | | | |
| 5 | 05//2014 | ଗିଧମାଳ ବାଲି ଖାଦାନ | ଗିଧମାଳ | 144 (AAA) | 15/1400 | ନଦୀ | 12.00 | 35 | 8 | 43 | 5005 | 10761 | |
| 6 | 22/2014 | ଡେଙ୍ଗମଚା-2 ପଥର ଖଣି | ଡେଙ୍ଗମଚା | 50 (AAA) | 282 | ଡୁଙ୍ଗରୀ | 11.50 | 130 | 20 | 150 | 3022 | 22665 | |

ତହସିଲଦାର, ସିନାପାଲି